# Akashvani, Sambalpur

## SAMBALPURI NEWS EVENING BULLETIN

**19 August 2025- 7.02 pm- 7.12 pm.**

*********************************************

୧- ଭୁବ୍‌ନେଶ୍ୱର୍- କଟକ୍ ୬ ଥାକିଆ ବାଇପାସ୍ ରାସ୍ତା ପ୍ରକଳ୍ପ ଲାଗି ୮ ହଜାର୍ ୩ ଶହ ୭ କୋଟିନୁ ଅଏତ୍‌କା ଟଙ୍କା ଅନୁମୋଦନ୍ କଲା ଆର୍ଥିକ୍ ବ୍ୟାପାର୍ କେନ୍ଦ୍ର କେବିନେଟ୍ କମିଟି ।

୨- ବି.ସୁଦର୍ଶନ୍ ରେଡ୍ଡୀ ହେଲେ ଇଣ୍ଡି ମେଂଟର୍ ଉପରାଷ୍ଟ୍ରପତି ପ୍ରାର୍ଥୀ ।

୩- ମୁମ୍ବାଇ ଠାନେ ହେଇଥିବା ଭାରତୀୟ ଶିଳ୍ପ ମହାସଂଘର - ପୂର୍ବ ଭାରତ୍ ସମ୍ମିଳନୀଥି ପୁଞ୍ଜିନିବେଶ୍ ଲାଗି ନିବେଶକ୍ ମାନ୍‌କୁ ଆହ୍ୱାନ୍ ଦେଲେ ଉପମୁଖ୍ୟମନ୍ତ୍ରୀ ।

୪- ରାଜ୍ୟର୍ ୩ ଲାଖ୍ ନୁ ଅଏତ୍‌କା ଶିଶୁବାଟିକାର୍ ଛୁଆମାନ୍‌କୁ ଦିଆଯିବା ପୋଷାକ ।

ଆଉର୍

୫- ଫଟୁ ଉଠାବାର୍‌ଥି ରୁଚି ରଖୁଥିବା ଲୁକ୍‌କୁ ସମ୍ମାନ୍ ଦେବାର୍‌କେ ଆଏଜ୍ ପାଳନ୍ କରାଯାଉଛେ ବିଶ୍ୱ ଫଟୋଗ୍ରାଫି ଦିବସ୍ ।

କେନ୍ଦ୍ର କେବିନେଟ୍- ଭୁବ୍‌ନେଶ୍ୱର୍ ରିଂରୋଡ୍           ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆର୍ଥିକ୍ ବ୍ୟାପାର୍ କେନ୍ଦ୍ର କେବିନେଟ୍ କମିଟିର୍ ବୈଠକ୍‌ଥି ଆଏଜ୍ ୬ ଥାକିଆ ଭୁବ୍‌ନେଶ୍ୱର୍-କଟକ୍ ବାଇପାସ୍ ରାସ୍ତା ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ୮ ହଜାର୍ ୩ ଶହ ୭ କୋଟି ନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ପାଖାପାଖି ଶହେ ୧୧ କିଲୋମିଟର୍ ଲମ୍ବା ପ୍ରବେଶ୍ ନିୟନ୍ତ୍ରିତ ରାଜଧାନୀ ରିଂରୋଡ୍‌କେ ଏଚ୍‌ଏଏମ୍ ଜରିଏ ତିଆର୍ କରାଯିବା । ଇ ବାବ୍‌ଦେ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଇ ରିଂରୋଡ୍ ପ୍ରକଳ୍ପ ପ୍ରଧାନ୍‌ମନ୍ତ୍ରୀଙ୍କର୍ ପୂର୍ବୋଦୟ ଯୋଜ୍‌ନାର ଗୁଟେ ଅଂଶବିଶେଷ୍ ଆଏ ବଲି କହିଛନ୍ ।

(ଭଏସ୍ ଓଭର୍ - ଅଶ୍ୱିନୀ ବୈଷ୍ଣବ୍)

ସୂଚ୍‌ନା ଅନ୍‌ସାରେ ଇହାଦେ ରାମେଶ୍ୱର୍ ନୁ ଟାଙ୍ଗିତକ୍ ସଂଯୋଗ୍ କରୁଥିବା ଜାତୀୟ ରାଜପଥ ୩ ଟା ପ୍ରମୁଖ ସହର୍ ଖୋର୍ଦ୍ଧା, ଭୁବ୍‌ନେଶ୍ୱର୍ ଆର୍ କଟକ୍ ଦେଇକରି ଯାଇଛେ । ଗାଡ଼ିମଟର୍ ବେଶୀ ଚଲାଚଲ୍ କରୁଥିବାର୍‌ନୁ ଇ ରାସ୍ତା ନୁ ଜବର୍ ଭିଡ଼୍ ଲାଗି ରହୁଛେ । ଟ୍ରାଫିକ୍ ସମସ୍ୟାର୍ ସମାଧାନ୍ ଲାଗି ୬ ଥାକିଆ ବାଇପାସ୍ ରୋଡ୍ ବହୁତ୍ ସହାୟକ୍ ହେବା ବଲି ଆଶା କରାଯାଉଛେ ।

ବି. ସୁଦର୍ଶନ୍ ରେଡ୍ଡୀ-ଉପରାଷ୍ଟ୍ରପତି ପ୍ରାର୍ଥୀ ଏନ୍‌ଏସ୍‌ଡି

ସୁପ୍ରିମ୍‌କୋର୍ଟର ଆଘର୍ ବିଚାର୍‌ପତି ବି. ସୁଦର୍ଶନ୍ ରେଡ୍ଡୀଙ୍କୁ ବିରୋଧୀ ଇଣ୍ଡି ମେଂଟର ଉପରାଷ୍ଟ୍ରପତି ପ୍ରାର୍ଥୀଭାବେ ଘୋଷ୍‌ନା କରାଯାଇଛେ । ଇ ବାବ୍‌ଦେ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ଆଏଜ୍ ଘୋଷ୍‌ନା କରିଛନ୍ । ସେ କହିଛନ୍, ବି. ସୁଦର୍ଶନ୍ ରେଡ୍ଡୀଙ୍କୁ ଉପ ରାଷ୍ଟ୍ରପତି କର୍‌ବାର୍ ଲାଗି ସବୁ ବିରୋଧୀ ଦଲ୍‌ର ସହମତି ମିଲିଛେ । ଶ୍ରୀ ରେଡ୍ଡୀ ଆଏବା ୨୧ ତାରିଖ୍ ଦିନ ନାମାଙ୍କନ୍ ଦାଖଲ୍ କର୍‌ବେ ବଲି ଶ୍ରୀ ଖଡ୍‌ଗେ କହିଛନ୍ ।

ରାଜ୍ୟପାଲ୍ -ଯକ୍ଷ୍ମାରୋଗୀ ପୋଷ୍ୟ I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଖୋର୍ଦ୍ଧା ଜିଲ୍ଲାର୍ ଶହେ ୪ନ୍ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ୍ କର୍‌ବେ । ଯକ୍ଷ୍ମାମୁକ୍ତ ଭାରତ୍ ଅଭିଯାନ୍‌ଥି ସେମାନେ ଭଲ୍ ହେବାର୍ ତକ୍ ପୋଷଣଯୁକ୍ତ ଖାଦ୍ୟ ପେକେଟ୍ ବଂଟାଯିବା । ଇ ବାବ୍‌ଦେ ରାଜ୍‌ଭବନ୍ ତର୍‌ଫୁ ଆସିଥିବା ପ୍ରସ୍ତାବ୍‌କେ ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ସହମତି ଦିଆଯାଇଛେ ।

ପୂର୍ବ ଭାରତ୍ ଶିଳ୍ପ ସମ୍ମିଳନୀ I&PR

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ମୁମ୍ବାଇ ଠାନେ ଆଏଜ୍ ହେଇଥିବା ୪ ନମ୍ବର୍ ଭାରତୀୟ ଶିଳ୍ପ ମହାସଂଘ -ପୂର୍ବ ଭାରତ୍ ସମ୍ମିଳନୀ ୨୦୨୫ ଥି ଯୋଗ୍ ଦେଇକରି ଇ ସମ୍ମିଳନୀ ପୂର୍ବ ଭାରତ୍‌ର ଆର୍ଥିକ୍ ସମ୍ଭାବନାକେ ଆହୁରି ଉଜାଗର୍ କର୍‌ବା ବଲି କହିଛନ୍ । ସମ୍ମିଳନୀଥି ନିବେଶକ ଆଉ ଭିନ୍ ଭିନ୍ ରାଜ୍ୟର୍ ସର୍‌କାରୀ ପ୍ରତିନିଧି ମାନ୍‌କର୍ ଭିତ୍‌ରେ ରାଜ୍ୟ ଅଧିବେଶନ୍, ଗୋଲ୍‌ଟେବୁଲ୍ ନୀତି ନିର୍ଦ୍ଧାରଣ୍ ଆଉ ଆଲୋଚନା କରାଯାଇଛେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶାର୍ ସମ୍ଭାବନା ଉପ୍‌ରେ କହେବାର୍ ସହେତେ ନିବେଶକ୍‌ମାନ୍‌କୁ ଓଡ଼ିଶା ନ ପୁଞ୍ଜିନିବେଶ୍ କର୍‌ବାର୍‌କେ ନିଉତା ଦେଇଛନ୍ ।

ସେ କହିଛନ୍, ରାଜ୍ୟ ସର୍‌କାର୍ ରେକର୍ଡ଼ ସଂଖ୍ୟାଥି ୫୬ ଟା ପ୍ରକଳ୍ପର୍ ଭିତିଭୂମି ଥାପ୍‌ନା କରିଛନ୍ । ଯେନ୍‌ଥି ୧ ଲାଖ୍ ୭୮ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ରହିଛେ ଆଉ ୧ ଲାଖ୍ ୧୧ ହଜାର୍ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛେ । ନୂଆଁ ନିବେଶ୍ ସହେତେ ଆହୁରି ୧ ଲାଖ୍ ନିଯୁକ୍ତି ସୃଷ୍ଟି କର୍‌ବାର୍ ଆମର୍ ଲକ୍ଷ୍ୟ ରହିଛେ ବଲି ଶ୍ରୀ ସିଂହଦେଓ କହିଛନ୍ ।

ସୀମା ଶୁଳ୍କ ଛାଡ୍        ଆର୍ଏନ୍ୟୁ/ କଟକ୍

କପା ଆମ୍ଦାନୀ ଉପ୍ରେ କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ସୀମା ଶୁଳ୍କ ପୁରା ଛାଡ୍ କର୍ବାର୍କେ ଘୋଷ୍ନା କରାଯାଇଛେ । କୃଷି ଭିତିଭୂମି ଆଉ ବିକାଶ୍ ସେସ୍ ଭିଲ୍ ଛାଡ୍ କରାଯାଇଛେ ବଲି ଅର୍ଥମନ୍ତ୍ରଣାଲୟ ତରଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ । ଆଏଜ୍ଠାନୁ ଆଏବା ମାସ ୩୦ ତାରିଖ୍ତକ୍ ସୀମା ଶୁଳ୍କ ଛାଡ୍ ବୈଧ ରହେବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ଶିଶୁବାଟିକା-ପୋଷାକ        ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ୩୫ ହଜାର୍ ପ୍ରାଥମିକ ବିଦ୍ୟାଲୟ ନ ଶିଶୁବାଟିକା ଖୁଲାଯାଇକରି ୩ ଲାଖ୍ ୧୦ ହଜାର୍ ୮ ଶହ ୪୯ ଛୁଆମାନ୍କୁ ପୋଷାକ୍ ଦିଆଯିବାର୍ ବ୍ୟବସ୍ଥା କରାଯାଇଛେ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ସେ କହିଛନ୍, ଝନେ ଛୁଆ ପିଛା ହଜାରେ ଟଙ୍କା ଦେବାର୍କେ ଥିର୍ କରାଯାଇଛେ । ବିଦ୍ୟାଲୟମାନ୍କେ ଛୁଆମାନ୍କର୍ ଉପସ୍ଥାନ୍ ବଢ଼ାବାର୍ ଆଉ ଅଧାନୁ ପାଠ୍ପଢ଼ା

ଛାଡ଼୍‌ବାର୍‌ଟାକେ କମ୍ କର୍‌ବାର୍ ଲାଗି ଇ ନିଷ୍ପତି ନିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

୧୧ ଶ୍ରେଣୀ ନାଁଲେଖା I&PR

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ୧୧ ଶ୍ରେଣୀ ପାଠ୍‌ପଢ଼ା ଲାଗି ଆଏବା ୨୫ ତାରିଖ୍‌ନୁ ଅନ୍‌ଲାଇନ୍ ଜରିଏ ୨ ନମ୍ବର୍ ଖେପ୍ ନାଁଲେଖା ମୁଲ୍ ହେବା । ଖାଲି ପଡ଼ିଥିବା ସିଟ୍ ମାନ୍‌କର୍ ଲାଗି ନାଁଲେଖା ହେବା ବଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ନିର୍ଦ୍ଦେଶାଲୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସାମ୍ସ ପୋର୍ଟାଲ୍ ଜରିଏ ଅନ୍‌ଲାଇନ୍ ନାଁଲେଖା ହେବା । ଅଏତ୍‌କା ସୂଚ୍‌ନା ଲାଗି ଛାତ୍ରଛାତ୍ରୀ samsodisha.gov.in ପୋର୍ଟାଲ୍‌ଥି ଲଗ୍‌ଇନ୍ କରିପାର୍‌ବେ ବଲି ନିର୍ଦ୍ଦେଶାଲୟ ତର୍‌ଫୁ କୁହାଯାଇଛେ ।

ୱାର୍ଡେନ୍ ଦକ୍ଷତା କର୍ମଶାଳା I&PR

ଓଡ଼ିଶା ଆଦର୍ଶ ଆଦିବାସୀ ଶିକ୍ଷା ସୋସାଇଟି - ଓମ୍‌ଟେସ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଆଂଚଲିକ ଶିକ୍ଷା ପ୍ରତିଷ୍ଠାନ୍ ଠାନେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ରାବାସ

ୱାର୍ଡେନ୍ ମାନ୍‌କର୍ ଦକ୍ଷତା କର୍ମଶାଳା ଆୟୋଜିତ୍ ହେଇଛେ । କାର୍ଯ୍ୟକ୍ରମ୍‌କେ ପ୍ରତିଷ୍ଠାନ୍‌ର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର୍ ମାନସୀ ଗୋସ୍ୱାମୀ ଉଦ୍‌ଘାଟନ୍ କରିକରି ଆବାସିକ୍ ବିଦ୍ୟାଳୟର୍ ବ୍ୟବସ୍ଥାଥି ୱାର୍ଡ଼େନ୍ ମାନ୍‌କର୍ ଭୂମିକା ବାବ୍‌ଦେ ବୁଝେଇଛନ୍ । ଆଏବା ୨୨ ତାରିଖ୍‌ତକ୍ ହେବାର୍‌କେ ଥିବାର୍ କର୍ମଶାଳାଥି ରାଜ୍ୟର୍ ଏକଲବ୍ୟ ଆଦର୍ଶ ବିଦ୍ୟାଳୟମାନ୍‌କେ କାମ୍ କରୁଥିବା ୱାର୍ଡ଼େନ୍‌ମାନେ ଯୋଗ୍ ଦେଇଛନ୍ ।

ବିଶ୍ୱ ମାନବିକତା ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁଦ୍ଧ ଆଉ ସଂଘର୍ଷ ଥିତି ଭିତ୍‌ରେ ଜୀବନ୍ କାଟୁଥିବା ଲୁକ୍‌କର୍ ଦୁର୍ଦ୍ଦଶା ବାବ୍‌ଦେ ସଚେତନ୍‌ତା ସୃଷ୍ଟି କର୍‌ବାର୍ ଲାଗି ପାଲନ୍ କରାଯାଉଛେ ଆଏଜ୍ ବିଶ୍ୱ ମାନବିକତା ଦିବସ୍ । ମାନବ୍ ସେବାଥି ଜୀବନ୍ ସମର୍ପି ଦେଇଥିବା ଆଉ ଜୀବନ୍ ହରେଇଥିବା ଲୁକ୍‌କୁ ସମ୍ମାନ୍ ଆଉ ସମର୍ଥନ୍ ଦେବାର୍ ଉଦ୍ଦେଶ୍ୟଥି ଭିଲ୍ ଇ ଦିବସ୍ ପାଲନ୍ କରାଯାଉଛେ । ସାରା ପୁର୍‌ଥି ନ କୋଟି କୋଟି ଲୋକ୍ ଇହାଦେ ଯୁଦ୍ଧ ଆଉ ପ୍ରାକୃତିକ୍ ବିପର୍ଯ୍ୟୟ ବାଗିର୍ ସଂକଟ୍ ଭିତ୍‌ରେ ଜୀବନ୍ କାଟୁଛନ୍ । ସେମାନ୍‌କୁ ମାନବୀୟ ସହାୟତା ଦେବାର୍ ଲାଗି ୨୦୦୮ ମସିହା ବେଲ୍‌କେ ଜାତିସଂଘ ସାଧାରଣ୍ ସଭା

ଜରିଏ ବିଶ୍ୱ ମାନବିକତା ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା । ୨୦୦୯ ମସିହାନୁ ଆନୁଷ୍ଠାନିକ୍ ଭାବେ ଇ ଦିବସ୍ ପାଲନ୍ କରାଯାଉଛେ ।

ବିଶ୍ୱ ଫଟୋଗ୍ରାଫି ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

'ମୋର୍ ମନ୍‌ପସନ୍ଦ୍‌ର ଫଟୋ' ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଫଟୋଗ୍ରାଫି ଦିବସ୍ । ଫଟୋ ଉଠାବାର୍‌ଥି ରୁଚି ରଖୁଥିବା ଆଉ ଇତାକେ ବୃତି ଭାବେ ଅପ୍‌ନେଇଥିବା ଲୁକ୍‌କୁ ସମ୍ମାନ୍ ଦେବାର୍ ଆଝିରର୍ ଦିବସ୍‌ର ମୁଖ୍ୟ ଉଦ୍ଦେଶ୍ ଆଏ । ଇ ଅବ୍‌ସରେ ଆଏଜ୍ ସାରା ପୁର୍‌ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଜୀବନ୍‌ର କିଛି ଖାସ୍ ସମିଆକେ କଏଦ୍ କର୍‌ବାର୍ ସହେତେ ପୁର୍‌ନା ସ୍ମୃତିକେ ସଜେଇକରି ରଖିସି ଫଟୁ । ଫଟୋ ଉଠାବାର୍‌ଟା ଆଏଜ୍ ଗୁଟେ କଳା ଭାବେ ଆଏଜ୍ ସମାଜ୍ ନ ମାଏନ୍‌ତା ପାଇସାରିଛେ । ଇ କଳା ଆଉ ଇ ଦିଗେ କାମ୍ କରୁଥିବା ଲୁକ୍‌କୁ ସମ୍ମାନ୍ ଜନାବାର୍ ଲାଗି ୧୮୩୯ ମସିହା ଅଗଷ୍ଟ ମାସ ୧୯ ତାରିଖ୍ ଦିନ ବିଶ୍ୱ ଫଟୋଗ୍ରାଫି ଦିବସ୍ ପାଲନ୍ କର୍‌ବାର୍‌କେ*

*ଫ୍ରାନ୍ସ ସର୍କାର୍ ଘୋଷ୍ନା କରିଥିଲେ । ଫ୍ରାନ୍ସ ବୈଜ୍ଞାନିକ ଯୋଶେଫ୍ ଆର୍ ଲୁଇସ୍ ଫଟୋଗ୍ରାଫି ମୁଲ୍ କରିଥିବାର୍ ତାଙ୍କର୍ ଅବଦାନ୍‌କେ ସୁର୍ତା କରିକରି ସେନର୍ ସର୍କାର୍ ଇ ଘୋଷ୍ନା କରିଥିଲେ । ଫ୍ରାନ୍ସର ଘୋଷ୍ନା ଅନ୍‌ସାରେ ଫି ବଛର୍ ଆଝିର୍‌ର୍ ଦିନ୍‌କେ ବିଶ୍ୱ ଫଟୋଗ୍ରାଫି ଦିବସ୍ ଭାବେ ପାଲନ୍ କରାଯାଉଛେ । ବିଶ୍ୱ ଫଟୋଗ୍ରାଫି ଦିବସ୍‌ଥି ସବୁ ରକ୍ମର୍ ଫଟୋଗ୍ରାଫିକେ ତହଁକାବାର୍ ଲାଗି ଫି' ବଛର୍ ଗୁଟେ ଲେଖା ବିଷୟ ବସ୍ତୁ ଉପ୍‌ରେ ଧ୍ୟାନ୍ ଦିଆଯାଏସି । ଆକାଶବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ ତର୍‌ଫୁ ବିସ୍ମିତା ପଧାନ୍ ।*

ବିଶ୍ୱ ଫଟୋଗ୍ରାଫି ଦିବସ       ସମ୍ବଲପୁର ସମ୍ବାଦଦାତା

ବିଶ୍ୱ ଫଟୋଗ୍ରାଫି ଦିବସ୍ ଅବ୍‌ସରେ ସମ୍ବଲ୍‌ପୁର୍ ସାମ୍ବାଦିକ୍ ଭବନ୍ ନ ଫଟୋ ପ୍ରଦର୍ଶନୀ ଆୟୋଜନ୍ କରାଯାଇଥିଲା । ପ୍ରଦର୍ଶନୀଥି ପୁର୍‌ନା ସମ୍ବାଦପତ୍ର, ଐତିହାସିକ୍ ଫଟୋ ସହେତେ ଭିନ୍ ଭିନ୍ ରକ୍ମର୍ ଫଟୋ ପ୍ରଦର୍ଶିତ୍ ହେଇଥିଲା । ପ୍ରଦର୍ଶନୀକେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଉଦ୍‌ଘାଟନ୍ କରିକରି ଆଏବା ଦିନେ ଇଥି ଭିନ୍ ଭିନ୍ ମହୋତ୍ସବ୍, କ୍ରୀଡ଼ା କାର୍ଯ୍ୟକ୍ରମ୍, ପର୍ଯ୍ୟଟନ୍‌ସ୍ଥଳୀ ସହେତେ ପୁର୍‌ନା ସ୍ମୃତି ର୍ ଫଟୋ ସାମିଲ୍ କର୍‌ବାର୍‌କେ

ପରାମର୍ଶ ଦେଇଛନ୍ । ଇଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ସବୁ ସହଯୋଗ୍ କରାଯିବା ବଲି ଜିଲ୍ଲାପାଲ୍ କହିଛନ୍ ।

ଏନ୍‌ଡିଆର୍‌ଏଫ୍ ସଚେତନତା କାର୍ଯ୍ୟକ୍ରମ/ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନକ୍ସାପାଲି ଠାନେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ - ଏନ୍‌ଡିଆର୍‌ଏଫ୍ ତର୍‌ଫୁ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଦୁର୍ଘଟଣାକେ ନେଇକରି କେନ୍ତେଇ ସଚେତନ୍ ରହେବେ ଆଉ ନିଜର୍ ଆଉ ଅଲ୍‌ଗା ମାନ୍‌କର୍ ସୁରକ୍ଷା କରିପାର୍‌ବେ ସେ ବାବ୍‌ଦେ ଏନ୍‌ଡିଆର୍‌ଏଫ୍ ଅଧିକାରୀମାନେ ଜନସାଧାରଣ୍‌ଙ୍କୁ ସଚେତନ୍ କରିଛନ୍ । ଖାସ୍ କରି ଦୁର୍ଘଟଣା, ପ୍ରାକୃତିକ୍ ବିପର୍ଯ୍ୟୟ, ମନୁଷ୍ୟକୃତ ବିପର୍ଯ୍ୟୟ, ସାଁପ୍‌ଚବା, ବାଗିର୍ ସମିଆଥି କେନ୍ ପ୍ରକାର୍ ମୁକାବିଲା କରାଯିବା ସେ ବାବ୍‌ଦେ ତାଲିମ୍ ଦେଇଥିଲେ ।

ମହିଳା ସୁରକ୍ଷା ସଚେତନତା ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନେସ୍‌ନାଲ୍ କଲେଜ୍ ନ ମହିଳା ସୁରକ୍ଷା ସଚେତନତା ଶିବିର ହେଇଯାଇଛେ । ଶିବିର୍‌ଥି ନୂଆପଡ଼ା

ଥାନା ଅଧିକାରୀ, କଲେଜ୍ ଅଧକ୍ଷ ଆଉ ଅଲ୍ଗା ଅଧିକାରୀମାନେ ଯୋଗ୍ ଦେଇକରି କାର୍ଯ୍ୟସ୍ଥଲ୍ ଆର୍ ଶିକ୍ଷାନୁଷ୍ଠାନ୍ ମାନ୍କେ ମହିଳାମାନ୍କର୍ ସୁରକ୍ଷା ବାବ୍ଦେ ସଚେତନ୍ କରିଥିଲେ ।

ଚଢ଼କ୍ ମାରିକରି ୨ ମୃତ ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା କୁଲାବିରା ବ୍ଲକ୍ କାଲିବାହାଲ୍ଠାନେ ଚଢ଼କ୍ ମାରିକରି ୨ ଝନ୍କର୍ ଜୀବନ୍ ଯାଇଛେ । ଘଡ୍ଘଡ଼ି ବର୍ଷାନୁ ବଂଚ୍ବାର୍ ଲାଗି ମହୁଲ୍ ଗଛ୍ ତଲେ ଆଶ୍ରା ନେଇଥିଲେ । ହେଲେ ବିଜ୍ଲି ମାର୍ବାର୍ନୁ ଟଲି ପଡ଼ିଥିଲେ । ଯାଂଚ୍ ଉତ୍ରୁ ଡାକ୍ତର୍ ଦୁହି ଝନ୍କୁ ମୃତକ ଘୋଷ୍ନା କରିଥିଲେ ।

ପାନୀୟ ଜଳ ପ୍ରକଳ୍ପ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ରାନୀମୁଣ୍ଡା ଗାଁକେ ଆଏଜ୍ ହର୍ଘର୍ ଜଲ୍ ଯୋଜ୍ନାଥି ସଫା ପିଇବାର୍ ପାଏନ୍ ଯୁଗେଇ ଦିଆଯାଇଛେ । ଜଙ୍ଗଲ୍, ପାହାଡ୍ ଇଲାକା ନ ଥିବା ରାନୀମୁଣ୍ଡା ଗାଁକେ ପାଏନ୍ ପୁହୁଁଚାବାର୍ ଲାଗି ବହୁତ୍ ସମସ୍ୟା ଦେଖାଦେଇଥିଲା । କଠିନ୍ ପରିଶ୍ରମ୍ ବଲେ

ପ୍ରଶାସନ୍ ତର୍ଫୁ ମେଗା ପାନୀୟ ଜଳ ପ୍ରକଳ୍ପ ଜରିଏ ତିଖାଲି ଜଲ୍‌ଭଣ୍ଡାର୍‌ନୁ ସବୁ ଘର୍‌କେ ପିଇବାର୍ ପାଏନ୍ ଯୁଗେଇ ଦିଆଯାଇଛେ । ଘର୍ ପାଖେ ପିଇବାର୍ ପାଏନ୍ ପାଇକରି ଗାଁର୍ ଲୁକେ ଉସତ୍ ହେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଉପକୂଳ ଓଡ଼ିଶା ଉପ୍‌ରେ ରହିଥିବା ଅବପାତ ପଶ୍ଚିମ-ଉତର୍ ପଶ୍ଚିମ୍ ଦିଗ୍‌କେ ଘଂଟାକ ୧୧ କିଲୋମିଟର୍ ଗତିଥି ବଢ଼୍‌ବାର୍ ସହେତେ ଆଏଜ୍ ଦକ୍ଷିଣ ଭିତ୍‌ରିଆ ଓଡ଼ିଶା ଉପ୍‌ରେ କେନ୍ଦ୍ରୀଭୂତ ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି, କୋରାପୁଟ୍, ମାଲ୍‌କାନ୍‌ଗିରି,ନବରଙ୍ଗ୍‌ପୁର୍, ରାୟଗଡ଼ା, ଗଜପତି, କନ୍ଧମାଲ୍ ନ ଅତିଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।